# "ମାମଲା କରି ତୋତେ ବାନ୍ଧି ଜେଲ୍‌କୁ ପଠାଇ ଦେବୁ" !

ମୁଁ ହିମାଂସୁ ଗୋଛାୟତ (ଛଦ୍ମନାମ) । ମୋର ଘର ଇଟାମାଟି ଥାନା ଅନ୍ତର୍ଗତ ନୟାଗଡ଼ ଜିଲ୍ଲାରେ । ଗାଁ'ରେ ବିଭିନ୍ନ ଲୋକଙ୍କ ଜମିରେ କାମଧନ୍ଦା କରି ଚଳେ । ବାପା ମଧ୍ୟ ଲୋକଙ୍କ ଘରେ, ଜମିରେ ଦିନମଜୁରୀଆ ଭାବେ କାମ କରୁଥିଲେ । ଭାଇ ଭଉଣୀ ଆମେ ଚାରି ଜଣ । ଘରର ଆର୍ଥିକ ସ୍ଥିତି ଅତ୍ୟନ୍ତ ଖରାପ୍ ଥିବାରୁ ମୁଁ ନବମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲି । ବାପା ଜଙ୍ଗଲରୁ କାଠ ଆଣି ବିକନ୍ତି, ଏହା ହେଉଛି ସବୁଠାରୁ ବଡ଼ ରୋଜଗାର ଆମ ପରିବାରର । ଜାତିରେ ଆମେ ହରିଜନ । ଗାଁ ପାଖରେ ଜଣେ ମଧ୍ୟସ୍ଥିଙ୍କ ଯୋଗାଯୋଗରେ ଆମ ଘରଠାରୁ ସାତ କି.ମି. ଦୂରରେ ଏକ ଝିଅ ସହିତ ବିବାହ ପାଇଁ ଦେଖାଦେଖି ହେଲା । ମାତ୍ର ସେମାନେ ବହୁତ ପଇସାବାଲା ହୋଇଥିବାରୁ ସେଠାରେ ବିବାହ କରିବାପାଇଁ ମୁଁ ଅରାଜି ହେଲି । ଏହାର ଦୁଇ ଦିନ ପରେ ମୋ ମୋବାଇଲ୍‌କୁ ଏକ ଫୋନ୍ କଲ୍ ଆସିଲା ଉକ୍ତ ଝିଅ ପାଖରୁ । ସେ ମତେ କିଛି କହିବା ପାଇଁ ଗାଁ ପାଖରେ ଥିବା ଏକ ମନ୍ଦିର ପାଖକୁ ଡକାଇଲା । ସେତେବେଳକୁ ଦିନ ପ୍ରାୟ ଏଗାରଟା ହେବ । ମୋତେ ଉକ୍ତ ଝିଅ କହିଲା ଯେ, ତୁମେ ମତେ କ'ଣ ପାଇଁ ବିବାହ କରିବା ପାଇଁ ମନା କଲ ? ସତକଥା କୁହ । ମୁଁ ତାଙ୍କୁ କହିବାରୁ ସେ ମୋତେ କହିଲେ ତାଙ୍କର ବିଭିନ୍ନ ଆଡୁ ପ୍ରସ୍ତାବ ଆସି ଭାଙ୍ଗି ଯାଉଛି । ତେଣୁ ତାଙ୍କର ଘରଲୋକ ତାଙ୍କୁ ବହୁତ ଗାଳି ଗୁଲଜ୍ କରୁଛନ୍ତି । ତେଣୁ ମୁଁ ତାଙ୍କୁ ବାହା ହେବି ବୋଲି ହଁ କରି ଦେବା ପାଇଁ ସେ ମୋତେ ଅନୁରୋଧ କଲେ । ଠିକ୍ ଏହି ସମୟରେ ମୋର ଦାଦା ଶ୍ୱଶୁର ଏଠାରେ କ'ଣ କରୁଛ ବୋଲି କହି ମତେ ଦୁଇ ଚଟକଣା ମାରିବା ସହିତ ଶାର୍ଟକୁ ଚିରି ଦେଇଥିଲେ । ଏହାପରେ କୌଣସି ପ୍ରକାରେ ମୁଁ ମୋ ଘରକୁ ଆସିଲି । ଠିକ୍ ସେହି ଦିନ ରାତିରେ ଉକ୍ତ ଝିଅ ଆମ ଘରକୁ ପଳାଇ ଆସିଲା ଏବଂ ମତେ ବାହାହେବ ବୋଲି କହି ଜିଦ୍ ଧରି ବସିଲା । ଏହାପରେ ଆମ ଗାଁରେ ଥିବା ତାରେଶ୍ୱର ମନ୍ଦିରରେ ବିବାହ ହୋଇଥିଲା । ପ୍ରତି ମାସେ ପନ୍ଦର ଦିନରେ ମତେ ନଜଣାଇ ନପଚାରି ସେ ତାଙ୍କ ବାପ ଘରକୁ ପଳାଇଯାନ୍ତି । ପୁଣି ଦଶ ପନ୍ଦର ଦିନ ପରେ ଫେରନ୍ତି । ଇତି ମଧ୍ୟରେ ଆମର ଏକ ଦେଢ ବର୍ଷର ପୁଅ ଓ ପାଞ୍ଚ ବର୍ଷର ଝିଅ ରହିଛି । ଗତ ୩ ତାରିଖ ଦିନ ସଂନ୍ଧ୍ୟାରେ ଉଭୟଙ୍କ ମଧ୍ୟରେ ମୋବାଇଲ୍‌ରେ ଘଣ୍ଟା ଘଣ୍ଟା ଧରି ଗପୁଥିବାରୁ ସାମନ୍ୟ ପାଟିତୁଣ୍ଡ ହୋଇଥିଲା । ପରମୂହୁର୍ତ୍ତରେ ସମାଧାନ ମଧ୍ୟ ହୋଇଯାଇଥିଲା । କିନ୍ତୁ ଆମ ଗ୍ରାମର ଜଣେ ମହିଳାଙ୍କ କଥାରେ ପଡ଼ି ମୋ ସ୍ତ୍ରୀ ଯାଇ ଇଟାମାଟି ଥାନାରେ ଏକ ଦରଖାସ୍ତ ଦେଇଛନ୍ତି ଯେ, ମୁଁ ସ୍ତ୍ରୀକୁ ଯୌତୁକ ନିର୍ଯ୍ୟାତନା ଦେବା ସହିତ ବାଡ଼ିଆମରା କରୁଛି । ପୋଲିସ୍ ସବୁ ସତ ବୁଝିଲେ ମଧ୍ୟ ମତେ କହିଲେ, ସେ ଯେମିତି କହୁଛି, ସେମିତି ଚଳ, ନତୁବା ତାଙ୍କର ଦରଖାସ୍ତରେ "ମାମଲା କରି ତୋତେ ବାନ୍ଧି ଜେଲ୍‌କୁ ପଠାଇ ଦେବୁ" । ଏକଥା ଶୁଣିଲା ପରେ ମୋର ସବୁ କାମଦାମ ବନ୍ଦ ହୋଇଯାଇଛି । ସ୍ତ୍ରୀ ଏବେ ଯାଇ ଛୁଆ ପିଲାଙ୍କୁ ଧରି ବାପ ଘରେ ରହୁଛନ୍ତି । ଡାକିବା ପାଇଁ ଗଲେ ସ୍ତ୍ରୀ ମତେ କହୁଛନ୍ତି ମୋ ପାଖରେ ତାଙ୍କର ଆଉ କାମ ନାହିଁ ବୋଲି । ସେ ପୁଅଝିଅଙ୍କୁ ଧରି ବାପ ଘରେ ରହିବେ ଏବଂ ଛାଡ଼ପତ୍ର ମଧ୍ୟ ଦେବେ ନାହିଁ । ଏପରିସ୍ଥଳେ ମୁଁ କ'ଣ କରିପାରିବି............. ???

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।